ଧରିତ୍ରୀ
DHARITRI
ରାୟଗଡ଼ା, ସୋମବାର, ୧୪ ଜୁନ୍, ୨୦୨୧

**ଦୁର୍ଘଟଣାରେ ଯୁବକ ଗୁରୁତର**

ପାପଡାହାଣ୍ଡି,(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ପ୍ରଧାନୀଗୁଡା ପଞ୍ଚାୟତ ଷ୍କୁଲ ନିକଟରେ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଭୀମା ସାହିର ସୁଦର୍ଶନ ଭତରା। ସୁଦର୍ଶନ ନିଜ ଶଶୁର ଘର ପୁଞ୍ଜିଗୁଡାକୁ ଏକ ବାଇକ (ଓଡ଼ି-୦୮ଏ-୫୫୩୧) ଯୋଗେ ଯାଉଥିଲେ। ପ୍ରଧାନୀଗୁଡା ପଞ୍ଚାୟତ ଷ୍କୁଲ ଛକ ନିକଟରେ ଭାରସାମ୍ୟ ହରାଇ ସେ ଗାଡ଼ିରୁ ଛିଟିକି ତଳେ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଡାକ୍ତର ଶା ସ୍ୱରୂପ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ

ରାୟଗଡ଼ା ଅଫିସ, ୧୩।୬- ନୀତି ଆୟୋଗଙ୍କ ମାନଦଣ୍ଡ ଅନୁଯାୟୀ ଜିଲାର ସ୍ୱାସ୍ଥ୍ୟ ଓ ପୁଷ୍ଟୀକରଣ, ଶିକ୍ଷା, କୃଷି ଓ ଜଳସେଚନ, ଦକ୍ଷତା ବିକାଶ ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ମୌଳିକ ଭିତ୍ତିଭୂମି ଆଧାରରେ ପ୍ରସ୍ତୁତି ହେଉଥିବା ନୂତନ ସୂଚୀରେ ରାୟଗଡା ଜିଲାକୁ ସଫଳତା ମିଳିଛି। ଓଡ଼ିଶାରୁ ଆକାଂକ୍ଷା ଜିଲା ଭାବେ ସ୍ଥାନ ପାଇଥିବା ୧୦ ଜିଲା ମଧ୍ୟରୁ ନବରଙ୍ଗପୁର ପ୍ରଥମ ଓ ରାୟଗଡ଼ା ଦ୍ୱିତୀୟ ସ୍ଥାନରେ ରହିଛି। ସେହିଭଳି ଦେଶର ୧୧୨ଟି ଆକାଂକ୍ଷା ଜିଲା ଭିତରୁ ଟପ୍ ୨୦ରେ ନବରଙ୍ଗପୁର, ରାୟଗଡ଼ା ଓ କୋରାପୁଟ ରହିଛି। ଏହାପରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଟୁଇଟ୍ ଯୋଗେ ଶୁଭେଚ୍ଛା ଜଣାଇଛନ୍ତି।

### ଟ୍ରାକ୍ଟର ଓଲଟି ଡ୍ରାଇଭର ମୃତ

ରାଇଘର, ୧୩।୬(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ରାଇଘର ଥାନା ଅଧୀନ ବୋବେଇ ପଞ୍ଚାୟତ ନିକଟରେ ଏକ ଟ୍ରାକ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୋରଗାଁର ଗୋବିନ୍ଦ ଗଣ୍ଡ (୨୦)। ପ୍ରକାଶ ଯେ ଦାସପୁର ଗ୍ରାମର ପ୍ରଦୀପ ବିଶ୍ୱାସଙ୍କ ଟ୍ରାକ୍ଟରରେ ଗୋବିନ୍ଦ ଡ୍ରାଇଭର ଭାବେ କାମ କରୁଥିଲେ। ଟ୍ରାକ୍ଟରଟି ଉଦୟପୁରରୁ କାମ ସାରି ଫେରିବାବେଳେ ଭାରସାମ୍ୟ ହରାଇ ଓଲଟି ପଡିବାରୁ ଘଟଣାସ୍ଥଳରେ ଗୋବିନ୍ଦଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ରାଇଘର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାକ୍ଟର ଓ ମୃତଦେହ ଜବତ କରିଥିଲା। ପୋଲିସ ନଂ୧୧୨/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ବୋଲେରୋରୁ ୬୪ କେ.ଜି. ଗଞ୍ଜେଇ ଜବତ

ପାପଡାହାଣ୍ଡି/ମଇଦଲପୁର, ୧୩।୬ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡାହାଣ୍ଡି ଥାନା ମଇଦଲପୁର ପୋଲିସ ରବିବାର ଏକ ବୋଲେରୋରୁ ୬୪ କେଜି ୨୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ପାଲାମୁ ଅଞ୍ଚଳର ଜାହାଙ୍ଗୀର ଆଲାମ ଓ ଅଶୋକ ଫିରୋଜ ଆଲାମଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ସୂଚନା ଅନୁଯାୟୀ, ଏକ ବୋଲେରୋ (ଜେଏଚ୍-୧ଏଡି-୯୪୮୭)ରେ ଜାହାଙ୍ଗୀର ଓ ଅଶୋକ ଗଞ୍ଜେଇ ଧରି ମାଲକାନଗିରିରୁ ଝାଡ଼ଖଣ୍ଡ ଯାଉଥିଲେ। ଖବରପାଇ ମଇଦଲପୁର ଫାଣ୍ଡି ଅଧିକାରୀ ଅନାମ ଦିଆନ ଓ କର୍ମଚାରୀମାନେ ଫାଣ୍ଡି ସାମ୍ନାରେ ବୋଲେରୋକୁ ଧରିଥିଲେ। ଖବର ଲେଖା ହେବା ସୁଦ୍ଧା ଜବତ ଗଞ୍ଜେଇ ଓଜନ କରାଯାଇ ନ ଥିଲା। ପୋଲିସ ୮୯/୨୧ରେ ମାମଲା ରୁଜୁ କରିଛି।

### ୩୦୦ ଲୋକଙ୍କୁ ରାଶନ

ନବରଙ୍ଗପୁର, ୧୩।୬(ବି.ପ୍ର.)- କୋରନା ସଂକ୍ରମଣ ଆରମ୍ଭରୁ ଫିଲୋଶିପି ସେଣ୍ଟର ନାମକ ଏକ ସଂସ୍ଥା ଗରିବମାନଙ୍କୁ ସହାୟତା ଦେଉଛି। ସଂସ୍ଥା ପକ୍ଷରୁ ନବରଙ୍ଗପୁର ଜିଲାର ବିଭିନ୍ନ ବ୍ଲକରେ ଲୋକଙ୍କୁ ସହାୟତା ଦିଆଯାଉଛି। ରବିବାର ଫିଲୋଶିପି ସେଣ୍ଟର ନିର୍ଦ୍ଦେଶକ ସରୋଜ ହିଆଲ, ସ୍ତ୍ରୀ ମାଲବିକା ହିଆଲ, ଦୁଇ ପୁଅ ଓ ସେଣ୍ଟରର କିଛି ସଭ୍ୟଙ୍କ ସହ ବଡ଼କୁମୁଲି ସ୍ଥିତ ନିଜ ବାସ ଭବନଠାରେ ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ରାଶନ ପ୍ରଦାନ କରିଛନ୍ତି। ସଂସ୍ଥା ପୂର୍ବରୁ ଶିଶୁ ଖାଦ୍ୟ ଓ ରାଶନ ଦେଇ ଆସୁଛି ବୋଲି ନିର୍ଦ୍ଦେଶକ ସରୋଜ ହିଆଲ କହିଛନ୍ତି।

### ବଜ୍ରପାତରେ ୨ ଗାଈ ମୃତ

ପାପଡାହାଣ୍ଡି/ମଇଦଲପୁର, ୧୩।୬ (ଡି.ଏନ୍.ଏ.)- ପାପଡାହାଣ୍ଡି ବ୍ଲକ ମଇଦଲପୁର ପଞ୍ଚାୟତ କାକୁଡିଆମ ଗ୍ରାମରେ ରବିବାର ବଜ୍ରପାତରେକାକୁଡିଆମ ଗ୍ରାମର ଦୁର୍ଯ୍ୟୋଧନ ନାୟକଙ୍କର ୨ଗାଇଙ୍କର ମୃତ୍ୟୁ ଘଟିଛି। ରବିବାର ଗାଈ ଚରାଳି ଗାଇମାନଙ୍କୁ ନେଇ ଚରାଇବାକୁ ନିକଟସ୍ଥ ଚାଷ ଜମିକୁ ଯାଇଥିଲେ। ହଠାତ ଘଡଘଡି ସହ ବର୍ଷା ହୋଇଥିଲା। ଏଥିରେ ୨ଟି ଗାଈଙ୍କ ମୃତ୍ୟୁ ହୋଇଯାଇଥିଲା। ସରକାରୀ ସହାୟତା ଦେବା ଲାଗି ଦୁର୍ଯ୍ୟୋଧନ ନିବେଦନ କରିଛନ୍ତି।

# ଦୁର୍ବଳ ହେଉଛି ଇନ୍ଦ୍ରାବତୀ ପୋଲ

ନବରଙ୍ଗପୁର, ୧୩।୬(ବି.ପ୍ର.)

- ପୋଲ ଉପର ଖାଲରେ ଜମୁଛି ପାଣି, ଘଟୁଛି ଦୁର୍ଘଟଣା
- ଖାଇଗଲାଣି ଦୁଇ ଆପ୍ରୋଚ ରାସ୍ତା



ନବରଙ୍ଗପୁର ଜିଲାରୁ ପଶ୍ଚିମ ଓଡ଼ିଶାକୁ ସଂଯୋଗ କରୁଛି ଇନ୍ଦ୍ରାବତୀ ନଦୀ ପୋଲ। ଏହା କିନ୍ତୁ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି। ପୋଲ ଉପର ଭାଗରେ ଖାଲଖମା ଭର୍ତ୍ତି। ବର୍ଷାଦିନେ ଏହି ଖାଲରେ ପାଣି ଜମିବାରୁ ଅନେକ ସମୟରେ ଦୁର୍ଘଟଣା ହେଉଛି। ପୋଲର ସୁରକ୍ଷା ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

ଉକ୍ତ ପୋଲଟି ୨୬ ନମ୍ବର ଜାତୀୟ ରାଜପଥରେ ରହିଛି। ଇନ୍ଦ୍ରାବତୀ ନଦୀ ନବରଙ୍ଗପୁର ଓ କୋରାପୁଟ ଜିଲାର ସୀମା ନିର୍ଦ୍ଧାରଣ କରିଛି। ନଦୀ ଉପରେ ଥିବା ପୁରୁଣା ପୋଲ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ନୂଆ ପୋଲ ଉପରେ ନବରଙ୍ଗପୁର ଦେଇ କଳାହାଣ୍ଡି, ବରଗଡ, ବଲାଙ୍ଗୀର ସମ୍ବଲପୁର ଆଦି ଅଞ୍ଚଳକୁ ପ୍ରତ୍ୟହ ଶତାଧିକ ଗାଡ଼ି ଯାତାୟାତ କରିଥାଏ। ସେହିଭଳି ୨୬ ନମ୍ବର ଜାତୀୟ ରାଜପଥ ପାପଡାହାଣ୍ଡି ଛକରୁ ୩୯ ରାଜ୍ୟ ରାଜପଥ ଡାବୁଗାଁ, ଉମରକୋଟ, ରାଇଘରକୁ ସିଧାସଳଖ ଏହି ରାସ୍ତା ସଂଯୋଗ କରୁଛି। ଏହା ବ୍ୟତୀତ କୋରାପୁଟରୁ ନବରଙ୍ଗପୁରକୁ ମାଲବାହୀ ଟ୍ରକ୍, ଯାତ୍ରୀବାହୀ ବସ୍ ଯିବା ଆସିବା ପାଇଁ ଇନ୍ଦ୍ରାବତୀ ପୋଲ ଉପରେ ନିର୍ଭରଶୀଳ। ଏବେ ପୋଲର ଦୁଇ ପାର୍ଶ୍ୱ ଆପ୍ରୋଜ ରାସ୍ତା ଖାଇ ଗଲାଣି। ଆଗକୁ ବର୍ଷ ଦିନ। ନଦୀ ଫୁଲିବା ସହ ବନ୍ୟା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଅନ୍ୟପକ୍ଷେ ପୋଲର ପୂର୍ବଭାଗକୁ କିଛି ଦୂରରେ ନଦୀ ମଧ୍ୟରେ ଏକ ବ୍ୟାରେଜ(ବନ୍ଧ) ନିର୍ମାଣ ଚାଲିଛି। ତାହାର ନିମ୍ନ ଭାଗରେ ପ୍ରତ୍ୟେକ ବର୍ଷ ନଦୀ କୂଳ ଖାଇ ଚାଷଜମି ଲୀନ ହୋଇସାରିଲାଣି। ଏସମସ୍ତ ପାରିପାର୍ଶ୍ୱିକ ଦୃଷ୍ଟିକୋଣରୁ ଇନ୍ଦ୍ରାବତୀ ନଦୀର ସୁରକ୍ଷା ଦିଗରେ ବିଭାଗ ଦୃଷ୍ଟି ଦେବା ଆବଶ୍ୟକ ରହିଛି ବୋଲି ଜନସାଧାରଣ ଦାବି କରୁଛନ୍ତି । ଏନେଇ ଜାତୀୟ ରାଜପଥ ନିର୍ବାହୀ ଯନ୍ତ୍ରୀ ନିହାର ରଞ୍ଜନ ବେହେରାଙ୍କୁ ପଚାରିବାରୁ ପୋଲର ଆପ୍ରୋଚ ରାସ୍ତା ଦବୁଛି, ପୋଲ ଦୁର୍ବଳ ନାହିଁ। ବୋରିଗୁମ୍ମା- ନବରଙ୍ଗପୁର ଜାତୀୟ ରାଜପଥ ପ୍ରଶସ୍ତୀକରଣ କାମ ଚାଲିଛି। ଇନ୍ଦ୍ରାବତୀ ପୋଲ ଓସାରିଆ କରାଯିବ। ଠିକାଦାର ଉକ୍ତ କାର୍ଯ୍ୟ କରିବେ। ନବରଙ୍ଗପୁର ସହର ମଧ୍ୟରେ ଜାତୀୟ ରାଜପଥ ପ୍ରବେଶ କରିଛି ତାହା ପ୍ରଶସ୍ତୀକରଣ ହେବ ନାହିଁ। ଗୋଟିଏସ୍ତର ପିଚୁ ପଡିବ ବୋଲି ସେ କହିଛନ୍ତି। ଅନ୍ୟତ୍ର ବାଇପାସ୍ ରାସ୍ତା ନିର୍ମାଣ ହେବ। ଏ ନେଇ ସରକାରଙ୍କ ନିକଟକୁ ପ୍ରସ୍ତାବ ଯାଇ ସାରିଛି ବୋଲି ସେ କହିଛନ୍ତି।

## ଟଙ୍କା ନେଇ ପଳାଇଲା ଫାଇନାନ୍ସ କମ୍ପାନୀ

ଉମରକୋଟ, ୧୩।୬(ସ୍ୱ.ପ୍ର.)

**ଥାନାରେ ଅଭିଯୋଗ କଲେ କର୍ମଚାରୀ**

ଉମରକୋଟ ଅଞ୍ଚଳରେ ଜଣେ ବ୍ୟକ୍ତି ଯୁ ସ୍ମଲ ଫାଇନାନ୍ସ ବ୍ୟାଙ୍କ ନାମରେ ଏକ ସଂସ୍ଥା ଖୋଲିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ୫ଜଣ ଯୁବତୀଙ୍କୁ ମଧ୍ୟ ନିଯୁକ୍ତି ଦେଇଥିଲେ। କିନ୍ତୁ ଶନିବାର ସମ୍ପୃକ୍ତ ଲୋକ ଜଣଙ୍କ ଉମରକୋଟ ଛାଡି କେଉଁଆଡ଼େ ପଳାଇଛନ୍ତି। ଉକ୍ତ ସଂସ୍ଥାରେ ଟଙ୍କା ଜମା କରିଥିବା ଲୋକମାନେ ସେଠାରେ କାମ କରୁଥିବା ଯୁବତୀଙ୍କୁ ଟଙ୍କା ମାଗିବା ଆରମ୍ଭ କଲେଣି। ଏହାପରେ ଉକ୍ତ ଯୁବତୀମାନେ ଶନିବାର ଥାନାରେ ଏତଲା ଦେଇଛନ୍ତି। ଖବର ଲେଖା ଯିବା ପର୍ଯ୍ୟନ୍ତ ପୋଲିସ ପକ୍ଷରୁ ମାମଲା ରୁଜୁ କରାଯାଇ ନାହିଁ।

ସୂଚନା ଅନୁଯାୟୀ, ଉମରକୋଟ ସହର ମେଡିକାଲ୍ ରୋଡରେ ଏକ ଭଡା ଘରେ ରବି ନାରାୟଣ ରାଉତରାୟ ନାମକ ଜଣେ ବ୍ୟକ୍ତି ୨ ମାସ ହେବ ଯୁ ସ୍ମଲ ଫାଇନାନ୍ସ ବ୍ୟାଙ୍କ ନାମରେ ଏକ ସଂସ୍ଥା ଖୋଲିଥିଲେ। ସେ ନିଜକୁ ସଂସ୍ଥାର ସହକାରୀ ପରିଚାଳକ ପରିଚୟ ଦେଇ ୫ ଜଣ ଝିଅଙ୍କୁ ନିଯୁକ୍ତି ଦେଇଥିଲେ। ଋଣ କରାଇ ଦେବାକୁ କହି ରବି ନାରାୟଣ ଆନେକ ଗାଁରୁ ୯୪୦ ଟଙ୍କା ଇନ୍ସୁରାନ୍ସ ଓ ପ୍ରୋସେସିଂ ଫିସ୍ ବାବଦକୁ ପଡ଼ିବ ବୋଲି କହି ଟଙ୍କା ଆଦାୟ କରିଥିଲେ। ଶନିବାର ସେଠାରେ କାମ କରୁଥିବା କର୍ମଚାରୀ ଅଫିସକୁ ଯିବାବେଳକୁ ସେଠାରେ ତାଲା ପଡିଥିଲା। ଏଥିସହ ରବିନାରାୟଣଙ୍କ ଭଡ଼ାଘରେ ମଧ୍ୟ ତାଲା ଝୁଲଇଥିଲା। ଏହା ଜଣାପଡିବା ପରେ ଟଙ୍କା ବାନ୍ଧିଥିବା ଲୋକେ ସେଠାରେ କାମ କରୁଥିବା କର୍ମଚରୀଙ୍କୁ ଟଙ୍କା ମାଗିଥିଲେ। ଏହାପରେ କର୍ମଚାରୀମାନେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ବେଥିଆପଡ଼ା ଗାଁରୁ ୧୨୫ ସ୍ୱାବ୍ ନମୁନା ସଂଗ୍ରହ

ବିଷମକଟକ, ୧୩।୬(ଡି.ଏନ୍.ଏ.)-



**ସଂକ୍ରମଣ ରୋକିବାକୁ ପ୍ରଶାସନର ପଦକ୍ଷେପ**

ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ବେଥିଆପଡ଼ା ଗ୍ରାମରୁ ସ୍ୱାସ୍ଥ୍ୟ ବିଭାଗ ଟିମ୍ ୧୨୫ ଜଣଙ୍କ ସ୍ୱାବ୍ ନମୁନା ସଂଗ୍ରହ କରିଛନ୍ତି। ସେଥିମଧ୍ୟରୁ ୧୦୦ ଜଣଙ୍କ ଆରଟିପିସିଆର ଏବଂ ୨୫ଜଣଙ୍କ ଆଣ୍ଟିଜେନ ପରୀକ୍ଷା କରାଯିବ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ବେଥିଆପଡ଼ା ଗ୍ରାମର ତେଜେଶ୍ୱର କଣ୍ଡଗିରୀ ନାମକ ବ୍ୟକ୍ତି ଜୁନ୍ ୧ରେ କରୋନା ସଂକ୍ରମିତ ଚିହ୍ନଟ ହୋଇଥିଲେ। ପରେ ତାଙ୍କୁ ବିଷମକଟକ ଖ୍ରୀଷ୍ଟିଆନ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା ଚାଲିଥିଲା। ଶନିବାର ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ତେଜେଶ୍ୱର ଏବଂ ତାଙ୍କ ପରିବାର ଗାଁ ଲୋକଙ୍କ ସହ ମିଳାମିଶା କରିଥିବାରୁ ଗାଁରେ ସଂକ୍ରମଣ ରୋକିବାକୁ ଜିଲା ପ୍ରଶାସନର ନିର୍ଦ୍ଦେଶରେ ୧୨୫ ଜଣଙ୍କ ସ୍ୱାବ୍ ପରୀକ୍ଷା ନିମନ୍ତେ ସଂଗ୍ରହ କରାଯାଇଛି। ବିଷମକଟକର ସ୍ୱାସ୍ଥ୍ୟ ବିଭାଗ ଟିମ୍ ବେଥିଆପଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ସ୍ୱାବ୍ ସଂଗ୍ରହ କରିଥିଲେ। ସ୍ଥାନୀୟ ଏଏନ୍ଏମ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଓ ସ୍ଥାନୀୟ ସରପଞ୍ଚଙ୍କ ସହଯୋଗରେ ଗ୍ରାମବାସୀଙ୍କୁ ବୁଝାଶୁଝା କରି ପରୀକ୍ଷା ନିମନ୍ତେ ରାଜି କରାଯାଇଥିଲା। ମଙ୍ଗଳବାର ସ୍ୱାବ୍ ରିପୋର୍ଟ ଆସିବ ବୋଲି ଜଣାପଡ଼ିଛି। ରିପୋର୍ଟ ଆସିବାପରେ ପଞ୍ଚାୟତର ଆଖପାଖ ଅଞ୍ଚଳରେ କଣ୍ଟାକ୍ଟ ଟ୍ରେସିଂ ଏବଂ ପରୀକ୍ଷାକୁ ଅଧିକ ବ୍ୟାପକ କରାଯିବ ବୋଲି ବିଷମକଟକ ବିଡିଓ ଆଲବର୍ଟ ଲାକଡ଼ା ସୂଚନା ଦେଇଛନ୍ତି।

## ଛତିଶଗଡ଼ ସାର ଜବତ, ଜଣେ ଗିରଫ

ରାଇଘର, ୧୩।୬(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ପୋଲିସ ଗୋଟିଏ ସାର ଗାଡ଼ି ଜବତ କରି ଉମରକୋଟ ବଡ଼କୁମାରୀ ୧ ଗ୍ରାମର ପପୁ ସରକାର (୨୪)ଙ୍କୁ ଗିରଫ କରିଛି। ତାଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ରାଇଘର ଥାନାଧିକାରୀ ଟଙ୍କ ଗିରି ଭୋଇଙ୍କ ନେତୃତ୍ୱରେ ଏକ ଟିମ୍ କୁମୁଲି ଛକ ନିକଟରେ ଶୁକ୍ରବାର ପାଟ୍ରୋଲିଂ କରୁଥିବାବେଳେ ଗୋଟିଏ ଟ୍ରକ୍ (ସିଜି-୦୪ଏଲ୍‌କେ-୧୧୯୧)କୁ ଅଟକାଇ ଯାଞ୍ଚ କରିଥିଲା। ଗାଡ଼ିରେ ଥିବା ସାମଗ୍ରୀର କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ଗାଡ଼ିରେ ଛତିଶଗଡ଼ ସାର ରହିଥିବା ପୋଲିସ ଜାଣିବାକୁ ପାଇଥିଲା। ଛତିଶଗଡ଼ରୁ ଉମରକୋଟ ଅଞ୍ଚଳକୁ ସାର ଚାଲାଣ ହେଉଥିବା ନେଇ ରାଇଘର ପୋଲିସ କୃଷି ବିଭାଗ ସହ ଆଲୋଚନା କରି ତଦନ୍ତ ଆରମ୍ଭ କରିଥିଲା। ଗାଡ଼ିରୁ ମୋଟ ୩୩୦ ବସ୍ତା ଛତିଶଗଡ଼ର ଉତ୍ତମ ନିମ ନାମକ ୟୁରିଆ ସାର ଜବତ କରାଯାଇଥିବା ଥାନାଧିକାରୀ ସୂଚନା ଦେଇଛନ୍ତି। ପୋଲିସ ନଂ.୧୧୧/୨୧ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସାର ଓ ଗାଡ଼ି ମାଲିକ ଉମରକୋଟ ଥାନା ଅଧୀନ ଅଞ୍ଚଳା ଗ୍ରାମର ନିର୍ମଳ ସରକାର ବୋଲି ସୂଚନା ମିଳିଛି। ପୋଲିସ ଏହାର ତଦନ୍ତ ଚଳାଇଛି।

## କାର୍‌ରୁ ୭୮.୫ କେଜି ଗଞ୍ଜେଇ ଜବତ



ଜବତ ଗଞ୍ଜେଇ ଓ ଧରାପଡ଼ିଥିବା ଅଭିଯୁକ୍ତମାନେ।

ରାୟଗଡ଼ା ଅଫିସ/ବିଷମକଟକ, ୧୩।୬(ଡି.ଏନ୍.ଏ.)

**ଉତ୍ତର ପ୍ରଦେଶର ୩ ଯୁବକ ଗିରଫ**

ରାୟଗଡ଼ା ଜିଲା ୫ ନଂ ରାଜ୍ୟ ରାଜପଥ ଚାଟିକଣାଠାରେ ଶନିବାର ଯାନବାହନ ଯାଞ୍ଚବେଳେ ବିଷମକଟକ ପୋଲିସ ଏକ କାର୍‌ରୁ ୭୮.୫ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉତ୍ତର ପ୍ରଦେଶ ଜୋନପୁର ଜିଲା କେରାକେଟ ଥାନା ଅଞ୍ଚଳର ଅମିତ କୁମାର ଯାଦବ(୨୫), ଉତ୍ତର ପ୍ରଦେଶ ଆଜମଗଡ଼ ଜିଲା ତହବରପୁର ଥାନା ଅଞ୍ଚଳର ପିୟୁଷ ରାଏ(୨୪) ଏବଂ ପ୍ରମୋଦ ଯାଦବ(୩୮)।

ସୂଚନା ଅନୁଯାୟୀ, ଶନିବାର ଦିନ ପ୍ରାୟ ଗୋଟାଏ ବେଳେ ଏସ୍ଆଇ ଏମ୍. ଏସ୍. ଶର୍ମା ଏବଂ ଅନ୍ୟ କର୍ମଚାରୀମାନେ ରାଜପଥରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ରାୟଗଡ଼ାରୁ ବିଷମକଟକ ଅଭିମୁଖେ ଯାଉଥିବା ଏକ ମାରୁତି ସୁଜୁକି କାର(ଏମ୍ଏଚ୍୦୪ଇଏଚ୍-୩୬୬୨)କୁ ସନ୍ଦେହରେ ଅଟକାଇବାକୁ ଉଦ୍ୟମ କରିଥିଲା। ହେଲେ ଗାଡ଼ିଟି ଖସିଯିବାକୁ ଉଦ୍ୟମ କରିଥିଲା। ପୋଲିସ ତାର ପିଛା କରି ଅଟକାଇବାରେ ସଫଳ ହୋଇଥିଲା। ଯାଞ୍ଚବେଳେ ଗାଡ଼ିରେ ବିଭିନ୍ନ ସ୍ଥାନରେ ଲୁଚାଇ ରଖାଯାଇଥିବା ୩ ବସ୍ତା ଗଞ୍ଜେଇ ମିଳିଥିଲା। ଏହାର ଓଜନ ୭୮କେଜି ୫୭୦ ଗ୍ରାମ ବୋଲି ଜଣାପଡ଼ିଛି। ପୋଲିସ ଗଞ୍ଜେଇ ଏବଂ କାର୍ ଜବତ କରିଛି। ଏହି ଘଟଣାରେ ଜଣେ ନାବାଳକ ମଧ୍ୟ ଧରାପଡ଼ିଥିବା ଜଣାପଡ଼ିଛି। ପୋଲିସ ୪ ଜଣଙ୍କୁ ଅଧିକ ପଚରା ଉଚରା କରିବା ପରେ ରବିବାର ୩ଜଣଙ୍କୁ ଗୁଣପୁର କୋର୍ଟକୁ ଚାଲାଣ କରାଯାଇଛି। ସେହିପରି ନାବାଳକଙ୍କୁ ରାୟଗଡ଼ାସ୍ଥିତ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଛି। ଏନେଇ ବିଷମକଟକ ଥାନାରେ ୭୩/୨୧ ରେ ଏକ ମାମଲା ରୁଜୁକରି ଥାନାଧିକାରୀ ସୁବାସ ଚନ୍ଦ୍ର କୋର୍‌କୋରା ଘଟଣାର ଅଧିକ ତଦନ୍ତ ଚଳାଇଥିବା ରାୟଗଡ଼ା ଏସ୍‌ପି ସୂଚନା ଦେଇଛନ୍ତି।

## ବ୍ୟାଙ୍କ ଖାତାରୁ ଟଙ୍କା ଗାଏବ ଘଟଣାରେ ୩ ଗିରଫ

କୋରୁକୋଣ୍ଡା, ୧୩।୬(ଡି.ଏନ.ଏ.)



ଗିରଫ ଅଭିଯୁକ୍ତମାନେ ।

ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ ଘଟଣାରେ ଓରକେଲ ପୋଲିସ ୩ ଜଣଙ୍କୁ ରବିବାର ଗିରଫ କରିଛି। ସେମାନେ ହେଲେ ମହେଶ୍ୱର ଖରା, ରାଜୀବ ଦାସ ସନିୟା, ମଙ୍ଗୁ ଖାରସିଙ୍ଗ। ଘର କୋରୁକୋଣ୍ଡା ବ୍ଲକ ଚିତାପାରି-୩ ପଞ୍ଚାୟତର ସଦାଶିବପୁର ଗ୍ରାମରେ। ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ନିଳାକମ୍ବରୁ ପଞ୍ଚାୟତ ଏଭି-୫୨ ଗ୍ରାମର ଲକ୍ଷ୍ମୀ ବିଶ୍ୱାସ ତାଙ୍କ ସ୍ୱାମୀଙ୍କ ସହ ମେ ୩୧ରେ କୋଣସି କାମରେ ବାଲିମେଳା ଆସିଥିବା ସମୟରେ ତାଙ୍କ ଏଟିଏମ୍ କାର୍ଡଟି ରାସ୍ତାରେ ପଡିଯାଇଥିଲା। କାର୍ଡଟି ଥିବା ଖୋଳରେ ଏଟିଏମ୍ କାର୍ଡର ପିନ୍ ନଂ. ଲେଖାଥିଲା। ଏହାର ସୁଯୋଗ ନେଇ ଅଭିଯୁକ୍ତମାନେ ବିଭିନ୍ନ ସ୍ଥାନରୁ ଏଟିଏମ୍‌ରୁ ମୋଟ ୫୭ ହଜାର ଟଙ୍କା ଉଠାଇ ନେଇଥିଲେ। ମୋବାଇଲରେ ମେସେଜ ଆସିବା ପରେ ଏହା ଜାଣି ଲକ୍ଷ୍ମୀ ଜୁନ୍ ୫ରେ ଓରକେଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗ୍ରାମରୁ ଗିରଫ କରି ଅପରାହ୍ନରେ କୋର୍ଟଚାଲାଣ କରିଛି। ଏଟିଏମ୍ କାର୍ଡ ସହ ୪୭ହଜାର ଟଙ୍କା ସେମାନଙ୍କଠାରୁ ଜବତ କରାଯାଇଥିବା ଥାନା ଅଧିକାରୀ ଜନ ଖୁଜର କହିଛନ୍ତି।

## ମନ୍ଦିର ଆଗରେ ଘର ନିର୍ମାଣକୁ ବିରୋଧ

ନବରଙ୍ଗପୁର, ୧୩।୬(ବି.ପ୍ର.)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ରଙ୍ଗମାଟିଗୁଡାସ୍ଥିତ ଶିବମନ୍ଦିର ସମ୍ମୁଖରେ ଚାଲିଥିବା ଏକ ଘରକାମକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଗ୍ରାମବାସୀ ଏକାଠି ହୋଇ ରବିବାର ଉକ୍ତ ଘର କାମ ବନ୍ଦ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ।

ଦୀର୍ଘ ୧୫ ବର୍ଷରୁ ଅଧିକ ସମୟ ଧରି ସେଠାରେ ଶିବ ମନ୍ଦିର ରହିଛି। ମନ୍ଦିର ସମ୍ମୁଖ ଜାଗାକୁ ନିଜର କହି ଜଣେ ବ୍ୟକ୍ତି ବର୍ତ୍ତମାନ ସେଠାରେ ଘର କାମ କରୁଛନ୍ତି। ଉକ୍ତ ଜମି ସରକାରୀ ଖାତାରେ ଥିଲା। ସମ୍ପୃକ୍ତ ବ୍ୟକ୍ତି ଜଣକ ମନ୍ଦିରକୁ ଲାଗି ପାଇଖାନା କରିବାକୁ ଲେ-ଆଉଟ କରିଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ବର୍ଷ ବର୍ଷ ଧରି ମନ୍ଦିର କାର୍ଯ୍ୟରେ ଉକ୍ତ ଜାଗା ବ୍ୟବହାର ହୋଇ ଆସୁଥିବା ବେଳେ ବର୍ତ୍ତମାନ ସେଠାରେ କୌଣସି ଏକ ବ୍ୟକ୍ତି ଆସି ଗୃହ ନିର୍ମାଣ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ପୂର୍ବରୁ ଜିଲାପାଳ ଅଫିସ, ତହସିଲ ଅଫିସ ଓ ନବରଙ୍ଗପୁର ଥାନରେ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିବାରୁ ଘଟଣାସ୍ଥଳରେ ଗ୍ରାମବାସୀ ଏକତ୍ରିତ ହୋଇ କାମ ବନ୍ଦ କରି କରିଛନ୍ତି। ଉକ୍ତ ଜାଗା ମନ୍ଦିର କାର୍ଯ୍ୟରେ ବ୍ୟବହାର କରାଯିବ ବୋଲି କହିବା ସହ ଅନ୍ୟ କାହାକୁ ଦିଆଯିବନାହିଁ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ। ସେଠାରେ ଗୃହ ନିର୍ମାଣ କରୁଥିବା ବ୍ୟକ୍ତି କିମ୍ବା କୌଣସି ପ୍ରଶାସନିକ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



କାମ ବନ୍ଦ କରିବାକୁ ଆସିଥିବା ଗ୍ରାମବାସୀ ।

## ୨ ବାଲି ଟ୍ରାକ୍ଟରରୁ ୩୦ ହଜାର ଜରିମାନା

ଗୁଣପୁର, ୧୩।୬(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ବଂଶଧାରା ନଦୀରୁ ବାଲି ଚୋରା ଚାଲାଣ ଅଭିଯୋଗରେ ୨ ଟ୍ରାକ୍ଟରରୁ ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ରବିବାର ଭୋର ସମୟରେ ବଂଶଧାରା ନଦୀରୁ ୨ ଟ୍ରାକ୍ଟରରେ ବାଲି ଚାଲାଣ କରାଯାଉଥିଲା। ଏହି ସମୟରେ ଏସ୍‌ଡିପିଓ ଅଜୟ ବାରିକଙ୍କ ନେତୃତ୍ୱରେ ପୋଲିସ ପାଟ୍ରୋଲିଂ ଟିମ୍ ଏବଂ ଅତିରିକ୍ତ ତହସିଲଦାର ଧରପଗଡ଼ କରି ଦୁଇ ଗାଡ଼ିକୁ ଜବତ କରିଥିଲେ। ଜବତ ଗାଡ଼ିଗୁଡ଼ିକୁ ଗୁଣପୁର ଥାନାରେ ଅଟକ ରଖି ୧୫ ହଜାର ଲେଖାଏ ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଅତିରିକ୍ତ ତହସିଲଦାର କପିଳେଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

## 'ମାସ୍କ ପିନ୍ଧ, ସାମାଜିକ ଦୂରତା ରଖ'

ଝରିଗାଁ, ୧୩।୬(ସ୍ୱ.ପ୍ର.)



ସଣ୍ଡସା ଗ୍ରାମରେ ସଚେତନ କରାଯାଉଛି।

**କରୋନା ସଚେତନତା ରଥ ଶୁଭାରମ୍ଭ**

ବିଜେଡି ସଂଖ୍ୟାଲଘୁ ସେଲ୍ ପକ୍ଷରୁ ରବିବାର ନବରଙ୍ଗପୁର ଜିଲା ଝରିଗାଁ ବ୍ଲକର ସଣ୍ଡସା ଗ୍ରାମରୁ ଏକ କରୋନା ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ମୁଖ୍ୟଅତିଥି ଭାବେ ଜିଲା ସଂଖ୍ୟାଲଘୁ ସେଲ୍ ସଭାପତି କାଜମ୍ ମଦାନୀ ଯୋଗ ଦେଇଥିଲେ। ପରେ ଗ୍ରାମବାସୀଙ୍କୁ ମାସ୍କ ପ୍ରଦାନ କରାଯାଇଥିଲା। ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ରଖିବା, ସ୍ୱାସ୍ଥ୍ୟାବସ୍ଥା ଖରାପ ଥିଲେ ଡାକ୍ତରଖାନାରେ ଦେଖାଇ ଔଷଧ ସେବନ କରିବା ନେଇ ଲୋକଙ୍କୁ ସଚେତନ କରାଯାଇଥିଲା। ସମସ୍ତେ ଟିକା ନେବା ଜରୁରୀ ବୋଲି କୁହାଯାଇଥିଲା। ଏହି ଅବସରରେ ସରକାରୀ ଓକିଲ ସୁଧାଂଶୁ ସାଧୁ, ଆଇନଜୀବୀ ସୀମାଞ୍ଚଳ ମଲ୍ଲିକ, ବିକ୍ରମ ସିଂ, ପବିତ୍ର ଗୌଡ଼, ପର୍ଶୁରାମ ଭତ୍ରା, ଯୁଗସାଏ ଭତ୍ରା, ତୁଳାରାମ ଭତ୍ରା, ବସନ୍ତ କୁମାର ଜଗତ, ହରିବନ୍ଧୁ ଚାଲାଣ, ତପନ ସାଣା ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ସଚେତନତା ରଥ ଟିସିଉନାଗୁଡା, ପିପଲ୍‌ଗୁଡା, ଭାଲିଆଗୁଡା, ଭୀମାଗୁଡା, ଡେବରାଗୁଡା ଗାଁକୁ ଯାଇ ସଚେତନ କରିଥିଲା।

## ମାମୁଘରେ ଯାଆଁଳା ଭଉଣୀଙ୍କ ରହିବା ବ୍ୟବସ୍ଥା

ରାୟଗଡ଼ା ଅଫିସ, ୧୩।୬-

**ଅନାଥ ଶିଶୁଙ୍କ ନିରାପତ୍ତା ନେଇ ପ୍ରଶାସନର ତତ୍ପରତା**

ଶିଶୁମାନଙ୍କ ସୁରକ୍ଷା ଓ ନିରାପତ୍ତା ନେଇ ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ଦେଖିବାକୁ ମିଳିଛି। ଅନାଥ ଶିଶୁଙ୍କୁ ଥଇଥାନ ନିମନ୍ତେ ସରକାର ବିଶେଷ ଦୃଷ୍ଟି ଦେଉଥିବାବେଳେ ଜିଲାର ପଦ୍ମପୁର ବ୍ଲକ୍ ଗାଡ଼ିଆବନ୍ଧ ଗାଁର ଦୁଇ ଯାଆଁଳା ଭଉଣୀଙ୍କ ଥଇଥାନ ବ୍ୟବସ୍ଥା ପ୍ରଶାସନ ପକ୍ଷରୁ କରାଯାଇଛି। ସୂଚନାଯୋଗ୍ୟ, ଏପ୍ରିଲ୍ ୨୯ରେ ବାପା ଗିରିଶ ଚନ୍ଦ୍ର ସୁନାମୁଦିଙ୍କ କରୋନାରେ ମୃତ୍ୟୁ ଘଟିଥିବାବେଳେ ମେ ୬ରେ ମା' ଜ୍ୟୋତି ଚୌଧୁରୀଙ୍କ ମଧ୍ୟ କରୋନାରେ ମୃତ୍ୟୁ ଘଟିଥିଲା। ଏହାପରେ ଦୁଇ ଯାଆଁଳା ଭଉଣୀ ଅନାଥ ହୋଇଯାଇଥିଲେ। ଏହି ଖବର ଜଣାପଡ଼ିବା ପରେ ଶିଶୁ ମଙ୍ଗଳ କମିଟିର ନିର୍ଦ୍ଦେଶ କ୍ରମେ ଦୁଇ ଭଉଣୀ ସେମାନଙ୍କ ମାମୁଘରେ ରହିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଏଥିସହ ଉଭୟଙ୍କ ପାଠପଢ଼ା ଓ ଅନ୍ୟ ଖର୍ଚ୍ଚ ବାବଦକୁ ମାସିକ ୨ହଜାର ଟଙ୍କା ଲେଖାଏ ଦୁଇ ମାସ ପାଇଁ ଚେକ୍ ଆକାରରେ ପ୍ରଦାନ କରାଯାଇଛି। ମଧୁବାବୁ ପେନ୍‌ସନ ଯୋଜନାରେ ସାମିଲ କରି ଭତ୍ତା ପ୍ରଦାନ ନିମନ୍ତେ ମଧ୍ୟ ପ୍ରକ୍ରିୟା ଜାରି ରହିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ କେୟାର ଫଣ୍ଡରୁ ସହାୟତା ନିମନ୍ତେ ଦୁଇଜଣଙ୍କ ନାମ ସୁପାରିଶ କରାଯାଇଛି।

ସେହିପରି ରମନାଗଡ଼ା ବ୍ଲକ ଡେପଗୁମଡ଼ା ଗ୍ରାମରେ ୩ବର୍ଷ ତଳୁ ଅନାଥ ହୋଇ ଜେଜେମା' ଓ ଜେଜେବାପା ପାଖରେ ବଢ଼ୁଥିବା ଜଣେ ଶିଶୁ ଜେଜେବାପାଙ୍କୁ ହରାଇଥିବା ଖବର ଜଣାପଡ଼ିବା ପରେ ଜିଲା ପ୍ରଶାସନ ତାଙ୍କ ନିକଟରେ ପହଞ୍ଚି ସରକାରୀ ନିୟମ ଅନୁଯାୟୀ ସୁବିଧା ସୁଯୋଗ ଯୋଗାଇବା ନିମନ୍ତେ ପ୍ରକ୍ରିୟା ଆରମ୍ଭ କରାଯାଇଛି। ସୂଚନାଯୋଗ୍ୟ, କରୋନା କିମ୍ବା ଅନ୍ୟ କାରଣରୁ ୧୮ ବର୍ଷରୁ କମ୍ ବୟସ୍କ ପିଲା ଅନାଥ ହୋଇଥିବା ନଜରକୁ ଆସିଲେ ତୁରନ୍ତ ସ୍ଥାନୀୟ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ(ସିଡିପିଓ) କିମ୍ବା ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନଜରକୁ ଆଣିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଜନ ସାଧାରଣ ଙ୍କୁ ଅନୁରୋଧ କରାଯାଉଛି। ସେହିଭଳି କୌଣସି ବ୍ୟକ୍ତି ଅନାଥ ଶିଶୁଙ୍କୁ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରିବା ପାଇଁ ଇଚ୍ଛାପ୍ରକାଶ କଲେ ସେମାନେ ଆଇନ ଅନୁଯାୟୀ ପୋଷ୍ୟ ସନ୍ତାନ ଗ୍ରହଣ କରିପାରିବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## 'ଦାବି ପୂରଣ ନ ହେଲେ ବିକ୍ଷୋଭ ଆନ୍ଦୋଳନ ରୂପ ନେବ'

ଝରିଗାଁ, ୧୩।୬(ସ୍ୱ.ପ୍ର.)



ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ବିକ୍ଷୋଭ କରୁଥିବା ଫାର୍ମାସିଷ୍ଟ।

- ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଫାର୍ମାସିଷ୍ଟଙ୍କ ବିକ୍ଷୋଭ
- ସିଡିଏମ୍ଓଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ରାଜ୍ୟ ଫାର୍ମାସିଷ୍ଟ ସଂଘର ଆହ୍ୱାନ କ୍ରମେ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକରେ କାର୍ଯ୍ୟରତ ଫାର୍ମାସିଷ୍ଟମାନେ ରବିବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ କଳାବ୍ୟାଜ୍ ପିନ୍ଧି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସରକାର ସେମାନଙ୍କ ଦାବି ପୂରଣ କରୁନାହାନ୍ତି। ଫଳରେ ଫାର୍ମାସିଷ୍ଟମାନେ ଆର୍ଥିକ ତଥା ମାନସିକ ଚାପରେ ରହି କାମ କରୁଛନ୍ତି ବୋଲି ସେମାନେ ପ୍ରକାଶ କରିଛନ୍ତି। ସିଡିଏମ୍ଓଙ୍କ ଉଦ୍ଦେଶ୍ୟରେ ଫାର୍ମାସିଷ୍ଟମାନେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରକାଶ ଚନ୍ଦ୍ର ନାୟକଙ୍କୁ ଦାବିପତ୍ର ଦେଇଛନ୍ତି।

କରୋନାର ପ୍ରଥମ ଓ ଦ୍ୱିତୀୟ ଲହରରେ ଜୀବନ୍ନୁ ବାଜି ଲଗାଇ କାମ କରିଛୁ। ତଥାପି ସରକାର ଆମର ରହିଥିବା ଦାବିଯଥା କ୍ୟାଡର ପୁନର୍ଗଠନ, ପଦୋନ୍ନତି, ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଏବଂ ମୋବାଇଲ ହେଲ୍‌ଥ ୟୁନିଟ୍‌ରେ ଫାର୍ମାସିଷ୍ଟମାନେ ନିଯୁକ୍ତି ପାଇବାର ୮ରୁ ୧୦ବର୍ଷ ହୋଇଥିଲେ ମଧ୍ୟ ନିୟମିତ କରାଯାଇନି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ତୁରନ୍ତ ସେମାନଙ୍କୁ ନିୟମିତ କରାଯାଉ ବୋଲି ଫାର୍ମାସିଷ୍ଟମାନେ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ବିକ୍ଷୋଭ ଆନ୍ଦୋଳନର ରୂପ ନେବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ପ୍ରଦୀପ୍ତ କୁମାର ମିଶ୍ର, ରାକେଶ କୁମାର ବେହୁରା, ଆଶିଷ କୁମାର ବେହେରା, ଉତ୍ସବ କୁମାର ନାୟକ, ପବିତ୍ର କୁମାର ସେନ, ମନୋଜ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

